# କାର ସହ ୨୫କେଜି ଗଞ୍ଜେଇ ଜବତ, ୩ ଗିରଫ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ୧୦ନମ୍ବର ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେର ପ୍ରଧାନପାଲି ନିକଟରେ ଯାନବାହାନ ଯାଞ୍ଚବେଳେ ଏକ କାରରୁ ୨୫କିଗ୍ରା ଗଞ୍ଜେଇ ଜବତ ହୋଇଛି । ଏହି ଅଭିଯୋଗରେ ଅବକାରୀ ଗୁଇନ୍ଦା ବିଭାଗ ପୋଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ଗୁଇନ୍ଦା ବିଭାଗ ପ୍ରତ୍ୟହ ଯାନବାହାନ କରୁଛି । ରବିବାର ଶାସନ ଥାନା ଅନ୍ତର୍ଗତ ପ୍ରଧାନପାଲି ନିକଟରେ ଯାଞ୍ଚବେଳେ କାର ଗାଡି ନମ୍ବର( ୟୁପି୩୨ସିଜେଡ୍-୮୦୦୮)ରୁ ଉପରୋକ୍ତ ଗଞ୍ଜେଇ ଜବତ ହୋଇଛି । ଜବତ ଗଞ୍ଜେଇ ବୌଦ୍ଧରୁ ବନାରସକୁ ଚୋରାଚାଲାଣ ହେଉଥିଲା । ଅଭିଯୁକ୍ତ ମାନେ କାରରେ ଏକ ସିକ୍ରେଟ ଚାମ୍ବର କରି ଗଞ୍ଜେଇ ନେଇ ଯାଉଥିଲେ । ତେବେ ଏହି ଘଟଣାରେ ବିହାର ଭାଇସାୱାଡାର ପ୍ରଦ୍ୟୁମ୍ନ କିଷ୍ଟ ଯାଦବ(୨୪), ଉତ୍ତରପ୍ରଦେଶ ରାଜାଜୀ ପୁରମ୍‌ର ଅନୁଜ ଦିକ୍ଷିତ(୨୪) ଓ ଟଣ୍ଡଖେଡାର ଜିତେନ୍ଦ୍ର କୁମାର(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ବିଦ୍ୟୁତ ତାର ଚୋରି ଘଟଣା, ମାଷ୍ଟରମାଇଣ୍ଡ ସହ ଆଉ ୨ ଅଭିଯୁକ୍ତ ଗିରଫ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲାସାରା ଲଗାତାର ଚାଲିଥିବା ବିଦ୍ୟୁତ ତାର ଚୋରି ସମ୍ପର୍କରେ ଏକ ବଡଧରଣର ରାକେଟ ସକ୍ରିୟ ଥିବା ଅଭିଯୋଗ ହୋଇଆସୁଥିଲା। ଏହି ତାର ଚୋରୀ ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ଶୁକ୍ରବାର ମୁରିବାହାଲ ଥାନା ପୁଲିସ ପ୍ରଥମେ ସଇଁତଳା ଥାନା ଦାବଜୁରୀ, ଭିରକାପଡ଼ା ଗ୍ରାମର ସାହେବ ଛତ୍ରିଆଙ୍କ ପୁଅ ପବିତ୍ର ଛତ୍ରିଆ (୨୬)ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ତାର ଚୋରୀ ରାକେଟର ମୁଖ୍ୟ ମାଷ୍ଟରମାଇଣ୍ଡ ବଙ୍ଗୋମୁଣ୍ଡାର ସ୍ଥାୟୀ ବାସିନ୍ଦା ଓ ଦେଓଗାଁର ହାର୍ଡୱେର ବ୍ୟବସାୟୀ କମଳ ଜୈନଙ୍କ ପୁଅ ନିଖିଳ ଜୈନ(୨୫)ଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିଲା। ପୁଲିସ ଶ୍ରୀ ଜୈନର ସହଯୋଗୀ କଣ୍ଟାବାଞ୍ଜି ଥାନା ଆମପଡ଼ାର ପ୍ରକାଶ ବେହେରା(୨୮) ଓ ଲୋଇସିଂହା ଥାନା ଫାସଡ ଗ୍ରାମର ଏମଡି ଅରମାନ ଖାଁ (୨୫)ଙ୍କୁ ଆଣି ଅଟକ ରଖି ଅଧିକ ତଦନ୍ତ ପରେ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ପୁଲିସ ଅଭିଯୁକ୍ତ ପାଖରୁ ୧୨ ବଣ୍ଡଲ ଚୋରୀ ବିଦ୍ୟୁତ ତାର, ଦୁଇଟି ବାଇକ (ଓଡି ୦୩ ଇ ୭୪୩୧) ଓ (ଟିଏନ ୪୨ ଏଡି ୦୫୨୨), ଏକ କଟର ଓ ଏକ ମନି ପର୍ସ ଜବତ କରିଥିଲା। ପୁଲିସ ସୂତ୍ରରୁ ସୂଚନାମତେ ମୁରିବାହାଲ ଥାନା ପତ୍ରାପାଲି(କ) ଗ୍ରାମପଞ୍ଚାୟତ ଅଞ୍ଚଳରେ ବିଦ୍ୟୁତ ତାର ଚୋରୀ ହେଉଥିବା ସମ୍ପର୍କରେ ମୁରିବାହାଲ ଓ ବଙ୍ଗୋମୁଣ୍ଡା ବିଦ୍ୟୁତ ବିଭାଗ ପକ୍ଷରୁ ସୂଚନା ପାଇ କଣ୍ଟାବାଞ୍ଜି ବିଦ୍ୟୁତ ବିଭାଗ ଏସଡିଓ ଜଗନ୍ନାଥ ପତିଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ପହଞ୍ଚି ଜଣେ ଯୁବକଙ୍କୁ ଚୋରୀ ବିଦ୍ୟୁତ ତାର, ଦୁଇ ବାଇକ ଓ ଅନ୍ୟାନ୍ୟ ସାମଗ୍ରୀ ସହ ପୁଲିସକୁ ହସ୍ତାନ୍ତର କରିଥିଲେ। ଏସଡିଓ ଶ୍ରୀ ପତିଙ୍କ ଏତଲା ମୁତାବକ ପୁଲିସ୍ କେସ ନ ୧୪୫/୨୪ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଥିଲାଛପୁଲିସ ଅଭିଯୁକ୍ତର ସୂଚନା ଆଧାରରେ ଏହି ବିଦ୍ୟୁତ ତାର ଚୋରି ଘଟଣାର ମୁଖ୍ୟ ମାଷ୍ଟରମାଇଣ୍ଡ ବଙ୍ଗୋମୁଣ୍ଡା ଓ ଦେଓଗାଁର ନାମକରା ବ୍ୟବସାୟୀ ନିଖିଳ ଜୈନଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିଲାଛମୁଖ୍ୟ ଅଭିଯୁକ୍ତର ସୁଚନା ଆଧାରରେ ପୁଲିସ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ମଧ ଗିରଫ କରିଥିଲା। ଏହାର ନେଟୱର୍କ ଜିଲ୍ଲାସାରା ବ୍ୟାପିଥିବା ବେଳେ ଏକ ବଡଧରଣର ରାକେଟ କାମ କରୁଥିବା ତଥା ଏଥିରେ ବଙ୍ଗୋମୁଣ୍ଡା, ସଇଁତଳା, ଦେଓଗାଁ,ବଲାଙ୍ଗିର ଭଳି ଜିଲ୍ଲାର ବିଭିନ୍ନ ଅଞ୍ଚଳର ଅଭିଯୁକ୍ତ ଯୁବକ,କିଛି ବିଭାଗୀୟ କର୍ମଚାରୀ ଓ ବହୁ ବ୍ୟବସାୟୀମାନେ ସଂପୃକ୍ତ ଥିବା ଅଭିଯୋଗରେ ପୁଲିସ୍ ଅଧିକ ତଦନ୍ତ ଜାରି ରଖିଥିଲା। ପୁର୍ବରୁ ଏହି ଘଟଣାରେ ପୁଲିସ୍ ଦଫା ୩୭୯ ଆଇପିସିରେ ଅଭିଯୁକ୍ତ ଯୁବକ ପବିତ୍ର ଛତ୍ରିଆଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ରବିବାର ଅଧିକ ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତ ନିଖିଳ ଜୈନ (୨୫), ପ୍ରକାଶ ବେହେରା (୨୮) ଓ ଏମଡି ଅରମାନ ଖାଁ(୨୫) ସେମାନଙ୍କ ଦୋଷ ସ୍ୱୀକାର କରିବା ପରେ ସମସ୍ତଙ୍କୁ ଟିଟିଲାଗଡ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

# ଗଛ ପଡି ରାସ୍ତା ଅବରୋଧ, ଅଳ୍ପକେ ବର୍ତିଲେ ଯାତ୍ରୀ

ହରଭଙ୍ଗା,(ସବ୍ୟୁ): ହରଭଙ୍ଗା ବ୍ଲକ ରାମଗଡ ପଂଚାୟତ ତିଲେଶ୍ୱର – ରାମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର କୋଇଲିସୁତା ନିକଟରେ ରବିବାର ମଧ୍ୟାହ୍ନରେ ଏକ ବିରାଟ ଗଛ ପଡି ରାସ୍ତା ଅବରୋଧ ସହିତ ଯାତ୍ରୀ ଅଳ୍ପକେ ବର୍ତ୍ତିଥିବାର ଦେଖିବାକୁ ମିଳିଛି । ସୂଚନା ଅନୁଯାଇ କୌଣସି କାରଣରୁ ଗଛ ରେ ନିଆଁ ଲାଗି ଥିଲା ଓ ଗଛ ଟି ରାସ୍ତା ଉପରେ ଟଳି ପଡିଥିଲା । ଫଳରେ ରାସ୍ତାରେ ଯାଉଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ରାସ୍ତାରେ ଗମନାଗମନ ପ୍ରଭାବିତ ହୋଇଥିଲା । ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଚାରିଛକ ଦମକଳ ବାହିନୀକୁ ଖବର ଦେବା ପରେ ଦମକଳ ବାହିନୀ ପହଂଚି ଗଛକୁ କାଟି ରାସ୍ତା ଖାଲି କରିଥିବା ଦେଖିବାକୁ ମିଳିଛି ।

# କଳାହାଣ୍ଡି ଜିଲ୍ଲାରେ ୧୭,୩୪୯ ଭିନ୍ନକ୍ଷମ ଭୋଟର

ଭବାନୀପାଟଣା, (ସବ୍ୟୁ) : ଚଳିତ ନିର୍ବାଚନରେ କଳାହାଣ୍ଡି ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀରେ ୧୭ ହଜାର ୩୪୯ ଜଣ ଭିନ୍ନକ୍ଷମ ଭୋଟର ମତାଧିକାର ସାବ୍ୟସ୍ତ କରିବେ । ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ୧୫୮୩ ଜଣ ପୁରୁଷ, ୧୨୯୦ ମହିଳା, ଜଣେ ତୃତୀୟ ଲିଙ୍ଗୀ ସମେତ ୨୮୭୪ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି । ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ୨୩୮୦ ପୁରୁଷ, ୧୭୧୮ ମହିଳା ସମେତ ୪୦୯୮ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି । ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ୨୨୫୯ ପୁରୁଷ, ୧୭୬୫ ମହିଳା ସମେତ ୪୦୨୪ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି । ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ୧୭୨୪ ପୁରୁଷ, ୧୧୮୪ ମହିଳା ସମେତ ୨୯୦୮ ଭିନ୍ନକ୍ଷମ ଭୋଟର ଅଛନ୍ତି। ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ୧୭୨୪ ପୁରୁଷ, ୧୩୭୫ ମହିଳା, ତୃତୀୟ ଲିଙ୍ଗୀ ୨ ଜଣ ସମେତ ୩୪୪୫ ଜଣ ଭୋଟର ଅଛନ୍ତି। ସମୁଦାୟ ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀରେ ୧୦ ହଜାର ୧୪ ଜଣ ପୁରୁଷ, ୭୩୩୨ ଜଣ ମହିଳା, ୩ ଜଣ ତୃତୀୟ ଲିଙ୍ଗୀ ସମେତ ୧୭ ହଜାର ୩୪୯ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି । ଜିଲ୍ଲାରେ ୩ ଜଣ ଭିନ୍ନକ୍ଷମ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି । ୧୭ ହଜାର ୩୪୯ ଜଣ ଭିନ୍ନକ୍ଷମ ପାଇଁ ସମସ୍ତ ମତଦାନ କେନ୍ଦ୍ରରେ ରାମ୍ପ ବ୍ୟବସ୍ଥା ନଥିବା ଯୋଗୁଁ ସାଧାରଣରେ ଉଦ୍ବେଗ ପ୍ରକାଶ ପାଇଛି। ପ୍ରତି ନିର୍ବାଚନ ଆସିଲେ ସ୍କୁଲମାନଙ୍କରେ ରାମ୍ପ ବ୍ୟବସ୍ଥା ପାଇଁ ଚିନ୍ତା ଆସେ କିନ୍ତୁ ଭୋଟର ସରିଲେ ପ୍ରଶାସନ ରାମ୍ପ ବ୍ୟବସ୍ଥା ଭୁଲି ଯାଆନ୍ତି ତେଣୁ ବର୍ତ୍ତମାନ ନିର୍ବାଚନ ପୂର୍ବରୁ ସମସ୍ତ ମତଦାନ କେନ୍ଦ୍ରରେ ରାମ୍ପ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହୋଇଛି।

# ଯୁବନେତା ମୋତିଲାଲ ଓ ରୀନା ତନ୍ତୀଙ୍କ ବିଜେପିରେ ଯୋଗଦାନ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁରରେ ଆୟୋଜିତ ବିଜେପିର ମିଶ୍ରଣ ପର୍ବରେ ରେଙ୍ଗାଲି ନିର୍ବାଚନମଣ୍ଡଳୀର ବିଜେଡିର ସମ୍ବଲପୁର ଏସଟି-ଏସସି ସେଲ୍ ସଭାପତି ମୋତିଲାଲ ତନ୍ତି ଓ ବିଜେଡି ନେତ୍ରୀ ତଥା ଗତ ୨୦୧୯ ନିର୍ବାଚନରେ ରେଙ୍ଗାଲି ବିଧାନସଭାର ବିଜେଡି ପ୍ରାର୍ଥିନୀ ରୀନା ତନ୍ତି ରବିବାର ବିଜେର୍ପି ଦଳରେ ଯୋଗଦାନ କରଛନ୍ତି । ମୋଦୀ ଗ୍ୟାରେଣ୍ଟିରେ ରେଙ୍ଗାଲି ନିର୍ବାଚନମଣ୍ଡଳୀ ସମେତ ସମ୍ବଲପୁରରେ ଗରିବ ଲୋକଙ୍କ ଅପେକ୍ଷା ଓ ଆକାଂକ୍ଷାକୁ ପୂରଣ କରାଯିବ ବୋଲି ଶ୍ରୀ ଓ ଶ୍ରୀମତୀ ତନ୍ତୀ କହିଛନ୍ତି । ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ , ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲ, ହକି ତାରକା ପ୍ରବୋଧ ତିର୍କି ପ୍ରମୁଖ ଦଳର ବହୁ ପଦାଧିକାରୀ ଉପସ୍ଥିତ ଥିଲେ । ମୋତିଲାଲ ଜଣେ ଦୃଢ଼ ଯୁବ ସଂଗଠକ ଭାବେ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ ବେଶ ପରିଚିତ। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବଦାସଙ୍କ ସେ ଥିଲେ ଜଣେ ଦୃଢ଼ ସମର୍ଥକ।

# ଛୁରି ଭୁସି ପୁଅର ଜୀବନ ନେଲା ବାପା

# ଭାଇ ଗୁରୁତର, ଅଭିଯୁକ୍ତ ଅଟକ

ନବରଙ୍ଗପୁର,(ସବ୍ୟୁ): ମଦ୍ୟପ ବାପାର ଉନ୍ମତ କାଣ୍ଡ। ମଦ୍ୟପାନ କରି ନିଜ ପୁଅକୁ ଛୁରି ଭୁସି ହତ୍ୟା କରିଛି। ଏହି ସମୟରେ ଦାଦା ଛଡ଼େଇବାକୁ ଆସିବାରୁ ତାଙ୍କୁ ମଧ ଛୁରି ମାଡ଼ କରିଛି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ତଥା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଧଣ୍ଡରା ଗ୍ରାମରେ ଏଭଳି ଘଟଣା ଘଟିଛି। ମୃତ ଯୁବକ ହେଲେ ଦେବ ନାୟକ(୨୨) ଓ ଗୁରୁତର ବ୍ୟକ୍ତି ଅଭିମନ୍ୟୁ ନାୟକ। ପୋଲିସ ସୂଚନା ମୁତାବକ ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଧଣ୍ଡରା ଗ୍ରାମର ଜଗେଶ୍ୱର ନାୟକ ଶନିବାର ରାତି ୮ଟାରେ ମଦ୍ୟପାନ କରି ନିଜ ଘର ସମ୍ମୁଖରେ ପାଟିତୁଣ୍ଡ କରୁଥିଲେ। ଏହି ସମୟରେ ବଡ଼ ପୁଅ ଦେବ ନାୟକ(୨୨) ନିଜ ବାପାଙ୍କୁ ବାହାରେ କାହିଁକି ପାଟିତୁଣ୍ଡ କରୁଛୁ ବୋଲି ଆକଟ କରିଥିଲେ। ଏହାକୁ ନେଇଁ ଉଭୟ ବାପା ଓ ପୁଅଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଜଗେଶ୍ୱର ନିଜ ପୁଅ ଦେବ ନାୟକଙ୍କ ଛାତିରେ ଛୁରି ଭୁସି ଦେଇଥିଲେ। ଏହି ସମୟରେ ଦାଦା ଅଭିମନ୍ୟୁ ନାୟକ ଛଡ଼େଇବାକୁ ଆସିଥିବା ବେଳେ ତାଙ୍କୁ ମଧ ଜଙ୍ଘରେ ଛୁରି ମାଡ଼ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟ ଦାଦା ପୁତୁରା ତଳେ ପଡ଼ି ଛଟପଟ ହୋଇଥିଲେ। ଏହାପରେ ଉଭୟ ଦାଦା ପୁତୁରାଙ୍କୁ ଆମ୍ବୁଲାନ୍ସ ଯୋଗେ ନେଇଁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ତେବେ ଚିକିତ୍ସାଧୀନ ଅବସ୍ଥାରେ ଦେବଙ୍କ ମୃତ୍ୟୁ ହୋଇଛି। ଅଭିମନ୍ୟୁଙ୍କ ଚିକିତ୍ସା ଚାଲିଛି। ଏନେଇଁ ସାନ ପୁଅ ପାର୍ଥ ନାୟକ ତେନ୍ତୁଳିଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ଗୋପାଳ କୃଷ୍ଣ ଆଗୁପାତ୍ର,ଏସଆଇ ପ୍ରମୋଦ କୁମାର ଖଣ୍ଡୁଆଳ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ। ହତ୍ୟା ମାମଲାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ସେହିପରି ଜଗେଶ୍ୱର ନାୟକଙ୍କୁ ଥାନାକୁ ଆଣି ତଦନ୍ତ ଚାଲିଥିବା ପୁଲିସ ସୂଚନା ଦେଇଛି। ଏନେଇ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଆଇଆଇସି ଆଗୁପାତ୍ର କେଶର ତଦନ୍ତ କରୁଛନ୍ତି। ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ସୂଚନା ଦେଇଛି। ଦେବଙ୍କ ମୃତ୍ୟୁ ପରେ ଧଣ୍ଡରା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବେଆଇନ ମଦ କାରବାରରେ ଉବୁଟୁବୁ ଗାଁ ଠୁ ସହର

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅଧିନସ୍ଥ ପ୍ରାୟତଃ ଗାଁ ପୁରପଲ୍ଲୀ ତଥା ତରଭା ସହର ସମେତ ବିଭିନ୍ନ ସ୍ଥାନରେ ଅବାଧରେ ବେଆଇନ ମଦ କାରବାର ଚାଲିଛି। ସତେ ଯେପରି ଏହା ଗାଁ ସହରର ଗଳିକନ୍ଦିରେ କୁଟୀର ଶିଳ୍ପ ପରି ମନେ ହୁଏ । ଦେଶି ହେଉ ଅବା ବିଦେଶୀ ଅବାଧ ଅନାୟାସରେ ମଦ ବେପାରୀମାନେ ତାଙ୍କ କାରବାର ଚଳାଇଛନ୍ତି । ଏଥିପ୍ରତି ନା ପୋଲିସ ତତ୍ପରତାର ସହ ପଦକ୍ଷେପ ନେଉଛି ନା ଅବକାରୀ ବିଭାଗ ଏଦିଗରେ ଗୁରୁତ୍ୱ ଦେଉଛି । ଫଳରେ ଗାଁ ଗଣ୍ଡା ସହରରେ ମଦୁଆଙ୍କ ପ୍ରାଦୁର୍ଭାବ ବଢିବା ସହ ଯୁବ ସମାଜ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି । ଏନେଇ ତରଭା ଥାନାର ଥାନାଧିକାରୀ ଅନିତା କିଡୋଙ୍କୁ ପଚାରିବାରୁ ଆମ ତରଫରୁ ଧରପଗଡ ଜାରି ରହିଛି ବୋଲି କହିଛନ୍ତି । ଅପର ପକ୍ଷରେ ନୂତନ ଭାବେ ସୋନପୁର ଜିଲ୍ଲାରେ ଯୋଗଦାନ କରିଥିବା ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ କହନ୍ତି ମୁଁ କିଛିଦିନ ହୋଇଛି ଅଚଂଳ ପାଇଁ ନୂଆ, ଅଭିଯୋଗ ହେଲେ ତୁରନ୍ତ ପଦକ୍ଷେପ ନିଆଯିବ । ଆମଟିମ ବିଭିନ୍ନ ସ୍ଥାନକୁ ଯାଇ ରେଡ ଜାରି ରଖିଛନ୍ତି , ଅଭିଯୋଗ ପାଇଲେ ଆହୁରି ଜୋରଦାର ଧରପଗଡ ହେବ ବୋଲି କହିଥିଲେ । ସେ ଯାହା ହେଉ ନା କାହିଁକି ମଦ ବ୍ୟବସାୟୀଙ୍କ ମନରୁ ଭୟ କମିଯାଇଛି ଧରାପଡି ଗିରଫ ହୋଇ ପୁଣି ମଦ ବେପାର ଚଳାଉଛନ୍ତି । ବର୍ତ୍ତମାନ ସାଧାରଣ ନିର୍ବାଚନ ସମୟ ହୋଇଥିବାରୁ ଶାନ୍ତି ଶୃଙ୍ଖଳା ଏବଂ ଅବାଧ ନିର୍ବାଚନରେ ଯେପରି ମଦ କାରବାର ଅସୁବିଧାର କାରଣ ନ ହେଉ ସେନେଇ ପୋଲିସ ଏବଂ ଅବକାରୀ ବିଭାଗ ଏଦିଗରେ ବିହିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହେଉଛି ।

# ୧୧୦୦ଲିଟର ବିଦେଶୀ ମଦ ଜବତ, ୧ଅଟକ



ସମ୍ବଲପୁର,(ସବ୍ୟୁ): ବେଆଇନ ଭାବେ ବିଦେଶୀ ମଦ ଚୋରାଚାଲାଣ ବେଳେ ସମ୍ବଲପୁର ଅବକାରୀ ପୋଲିସ ୧୧୦୦ଲିଟର ବିଦେଶୀ ମଦ ଜବତ କରିଛି । ଏହି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ପଚରାଉଚରା କରୁଛି । ସୂଚନାଯୋଗ୍ୟ, ଝାରସୁଗୁଡା ଅଞ୍ଚଳରୁ ସମ୍ବଲପୁର ବୁର୍ଲା ଅଞ୍ଚଳକୁ ଏକ ଗାଡି ଯୋଗେ ଉପରୋକ୍ତ ବିଦେଶୀ ମଦ ଚୋରାଚାଲାଣ ହେଉଥିଲା । ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ ଯାଞ୍ଚ କରିବା ସହ ଗାଡିକଚ ଜବତ କରିଛି । ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ବେଆଇନ ମଦ କାରବାର କରି ଭଲ ରୋଜଗାର କରିବା ପାଇଁ କିଛି ବ୍ୟକ୍ତି ଏଭଳି ଚୋରାଚାଲାଣ କରୁଥିବା ଜଣାପଡିଛି ।

## ଭାଜପାରେ ଯୋଗଦେଲେ ପୂର୍ବତନ ଜୁନାଗଡ଼ ବ୍ଲକ ଅଧକ୍ଷ

ଜୁନାଗଡ,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଜୁନାଗଡ଼ ସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଜେପି ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପୂର୍ବତନ ବ୍ଲକ ଅଧକ୍ଷ ରଶ୍ମିରଂଜନ ନାଏକ ଓ ବହୁଜନ ସଂଗ୍ରାମ ସମିତି ର ସଭାପତି ରଞ୍ଜନ ଜାଲ ହଜାର ହଜାର ସମର୍ଥକଙ୍କ ସହିତ ଯୋଗଦାନ କରିଥିଲେ । ଜୁନାଗଡ଼ ବିଧାନସଭା ପ୍ରାର୍ଥୀ ମନୋଜ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବହୁ ସଂଖ୍ୟକ ବିଜେଡି ତଥା କଂଗ୍ରେସ ରୁ କର୍ମୀ ବିଜେପି ରେ ସାମିଲ ହୋଇଥିଲେ । ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରାରେ ହଜାର ହଜାର କର୍ମୀ ଲଙ୍କେଶ୍ୱରୀ ମନ୍ଦିର ପୀଠରୁ ବାହାରି ବିଜେପି କାର୍ଯ୍ୟାଳୟରେ ପହଞ୍ଚି ଥିଲେ କାର୍ଯ୍ୟାଳୟ ପରିସରରେ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା । ମିଶ୍ରଣ ପର୍ବରେ ସୁଧାଂଶୁ ବରାଡ଼, ଲକ୍ଷ୍ମୀ ବାଣୁଆଁ, ଦିପେନ ସାହୁ,ଦିବ୍ୟ ଦୀପ, ହିମାଂଶୁ ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# ରାସେଶ୍ୱରୀଙ୍କୁ ଧର୍ମେନ୍ଦ୍ରଙ୍କ ସାକ୍ଷାତ : ବିଜେପିକୁ ସମର୍ଥନ ନେଇ ଚର୍ଚ୍ଚା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ରବିବାର ତାଙ୍କ ଶାନ୍ତିନଗର ସ୍ଥିତ ବାସଭବନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ତେବେ ଏହି ସାକ୍ଷାତ ଓ ଆଲୋଚନା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି । ଧର୍ମେନ୍ଦ୍ର ବର୍ତ୍ତମାନ ସମ୍ବଲପୁର ଲୋକସଭା ଆସନର ବିଜେପି ପ୍ରାର୍ଥୀ ଅଟନ୍ତି । ଏଭଳିସ୍ଥଳେ ଡା. ରାସେଶ୍ୱରୀ ବିଜେପିକୁ ଆଗାମୀ ଦିନରେ ସମର୍ଥନ ଓ ସାମିଲ ହେବା ନେଇ ଖୋରାକ ଯୋଗାଇଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନିଜ ସାମାଜିକ ଗଣମାଧ୍ୟମରେ ଆଜି ଡା. ପାଣିଗ୍ରାହୀଙ୍କୁ ସାକ୍ଷାତ କରିଥିବା ୨ଟି ଫଟୋ ସେୟାର କରିଛନ୍ତି । ଏଥିରେ ସେ ଲେଖିଛନ୍ତି ଯେ, ସମ୍ବଲପୁରର ପୂର୍ବତନ ବିଧାୟିକା, ସମାଜସେବୀ ତଥା ପ୍ରତିଷ୍ଠିତ ଚିକିତ୍ସିକ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଆର୍ଶୀବାଦ କାମନା କରିଛି । ସୂଚନାଯୋଗ୍ୟ, ଗତ ୨୩ତାରିଖ ଦିନ ଡା. ପାଣିଗ୍ରାହୀ ବିଜେଡିର ପ୍ରାଥମିକ ସଦସ୍ୟ ଓ ସମସ୍ତ ପଦବୀରୁ ଇସ୍ତଫା ଦେଇଥିଲେ । ବର୍ତ୍ତମାନ ସରଗରମ ନିର୍ବାଚନୀ ବାତାବରଣ ବେଳେ ଉଭୟ ନେତାଙ୍କ ଏହି ସାକ୍ଷାତକାର ବିଭିନ୍ନ ମହଲରେ ଭିନ୍ନଭିନ୍ନ ଚର୍ଚ୍ଚା ହେଉଛି । ଚଳିତ ସାଧାରଣ ନିର୍ବାଚନରେ ସମ୍ବଲପୁର ବିଧାନସଭା ଆସନରୁ ପୂର୍ବତନ ବିଧାୟିକା ଡ଼ା. ରାସେଶ୍ୱରୀ ପାଣିଗ୍ରାହୀ ପ୍ରାର୍ଥୀ ହେବେ ବୋଲି ଆଶା କରିଥିଲେ । ମାତ୍ର ବିଜେଡି ଦଳ ତାଙ୍କୁ ଟିକେଟ୍ ଦେଇନାହିଁ । ଏହି ଆସନରେ ରେଢାଖୋଲ ବିଧାୟକ ଇଂ. ରୋହିତ ପୁଜାରୀଙ୍କୁ ଦଳ ପ୍ରାର୍ଥୀ କରିଛି । ଏଭଳିସ୍ଥଳେ ଦଳ ରାସେଶ୍ୱରୀଙ୍କୁ ଟିକେଟ ନଦେବାରୁ ସେ ଅସନ୍ତୋଷ ହୋଇ ଇସ୍ତଫା ଦେଇଥିଲେ । ତାଙ୍କ ସହ ବିଜେଡିର ବିଭିନ୍ନ ପଦପଦବୀର ଥିବା ୪୧ଜଣ ଦୃଢ ସମର୍ଥକ ମଧ୍ୟ ଦଳରୁ ଇସ୍ତଫା ଦେଇଥିଲେ । ତେବେ ସେମାନଙ୍କୁ ମନାଇବା ପାଇଁ ଦଳୀୟ ସ୍ତରରେ ଉଦ୍ୟମ ଜାରି ରହିଥିବା ଜଣାପଡିଛି । ଅନ୍ୟପଟେ ରାସେଶ୍ୱରୀ କୌଣସି ଦଳକୁ ଯିବେ ନାହିଁ କେବଳ ସମାଜସେବାରେ ବ୍ରତୀ ରହିବେ ବୋଲି କହିଥିଲେ । ଏପରିକି ତାଙ୍କ ସହ ଦଳ ଛାଡିଥିବା କର୍ମକର୍ତ୍ତା ମାନଙ୍କ ମଧ୍ୟ ପରବର୍ତ୍ତୀ ପଦକ୍ଷେପ ସ୍ପଷ୍ଟ ହୋଇନାହିଁ । ପୂର୍ବରୁ ୨୦୧୪ରେ ସେ ବିଜେପିର ଜୟନାରାୟଣ ମିଶ୍ରଙ୍କୁ ୯ହଜାର ୯୫୮ ଭୋଟ ବ୍ୟବଧାନରେ ହରାଇଥିଲେ । ପରେ ୨୦୧୯ରେ ଜୟନାରାୟଣଙ୍କ ଠାରୁ ସେ ୪ହଜାର୩୮୦ଭୋଟରେ ପରାସ୍ତ ହୋଇଥିଲେ ।

## ଫେଲମାରିଛି ମେଗା ପାନୀୟ ଜଳ ପ୍ରକଳ୍ପ

# ପାଇପ୍ ସଂଯୋଗ ହୋଇଛି ହେଲେ ପାଣି ପାଇବାରୁ ବଞ୍ଚିତ

କନ୍ଧମାଳ, (ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲୋକାପଡ଼ା ତେଲନଦୀରେ ୫୦୦କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରି ସରକାର ବ୍ଲକର ପ୍ରତେକ ଗ୍ରାମର ପ୍ରତି ଘରକୁ ପାନୀୟ ଜଳ ଯୋଗାଣ କରିବା ଲକ୍ଷ୍ୟ ରଖିଛନ୍ତି । କିନ୍ତୁ, ଅଣ ଓଡ଼ିଆ ଠିକାଦାର ଏଲ ଏଣ୍ଡ ଟି କମ୍ପାନୀ ଉକ୍ତ କାର୍ଯ୍ୟ ଦାୟିତ୍ୱ ପାଇଥିବାବେଳେ ଗ୍ରାମ ମାନଙ୍କୁ ସଂଯୋଗ ହୋଇଥିବା ପାଇପ କାର୍ଯ୍ୟ ନିମ୍ନ ମାନର ହୋଇଥିବାରୁ ବ୍ଲକର ଅଧିକାଂଶ ଗ୍ରାମକୁ ପାଣି ପହଞ୍ଚି ପାରୁନି ଏଭଳି ଏକ ଅଭିଯୋଗ ଆସିଛି ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ଗ୍ରାମରୁ । ପ୍ରକଳ୍ପ ଠାରୁ ଏହି ଗାଁର ଦୂରତା ମାତ୍ର ୫କିଲୋମିଟର ହୋଇଥିବା ବେଳେ ଗାଁ ମଝିରେ ସମସ୍ତଙ୍କ ଘର ସମ୍ମୁଖରେ ଷ୍ଟାଣ୍ଡ ପାଇପ ପୋତା ଯାଇଛି । ହେଲେ ଦିନକ ପାଇଁ ଉକ୍ତ ଗ୍ରାମକୁ ଉକ୍ତ ଯୋଜନାର ପାଣି ଟୋପାଏ ମଧ ବାହାରୁ ନାହିଁ ଗାଁ ମୁଣ୍ଡ ଦେଇ ପଲଶାଗୋରାକୁ ପାଣି ଯାଉଥିବା ବେଳେ ଘୁଲୁଘୁଲାପଦର ଗାଁ ଭିତରକୁ କଣ ପାଇଁ ପାଇପ ସଂଯୋଗ କରାଯାଇନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ବିଷୟ ଜାଣିବା ପାଇଁ ବିଭାଗୀୟ କର୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇନି । ବିଭାଗୀୟ ମନ୍ତ୍ରୀଙ୍କ ଜିଲ୍ଲାରେ ଜଳ ଯୋଗାଣରେ ଯଦି ଠିକାଦାର ଠକୁଛି ଅନ୍ୟ ସ୍ଥାନରେ ଜଳ ଯୋଗାଣ କିପରି ହେଉଥିବ ବୋଲି ଲୋକଙ୍କ ମଧରେ ଆଲୋଚନା ହେଉଛି । ତୁରନ୍ତ ଗ୍ରାମକୁ ପାଣି ଯୋଗାଇ ଦେବାକୁ ଦାବି ହେଉଛି ।

# ଭିଜିଲାନ୍ସ ଦ୍ୱାରା ବହିଷ୍କୃତ ଯନ୍ତ୍ରୀ ଏବେ ମଧ କାର୍ଯ୍ୟ କରୁଛନ୍ତି

ରାୟଗଡା,(ସବ୍ୟୁ):ଭିଜିଲାନ୍ସ ବିଭାଗ ଦ୍ୱାରା ଲାଞ୍ଚ ନେବା ବେଳେ ନାଲି ହାତରେ ଧରା ପଡିବା ପେରେ ଚାକିରୀରୁ ବହିଷ୍କୃତ ଯନ୍ତ୍ରୀ ଜୟପ୍ରକାଶ ନାରାୟଣ ଭଟରାୟ ଏବେ ମଧ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ରାୟଗଡା ଜିଲ୍ଲା ପ୍ରଶାସନର ସଦର ବ୍ଲକରେ ନିରନ୍ତର ହେଲା ପ୍ରାୟ ୬ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ତେବେ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଚାକିରୀରୁ ବହିଷ୍କାର ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ପୁନଃ ବିଚାର କରିବାକୁ ହାଇକୋର୍ଟରେ ଆବେଦନ କରିବା ପରେ ମଧ ଅଭିଯୁକ୍ତ ଯନ୍ତ୍ରୀଙ୍କୁ ଭିଜିଲାନ୍ସ କୋର୍ଟର ନିର୍ଦ୍ଦେଶକୁ କାଏମ ରଖିଛନ୍ତି ତଥାପି ସେ କେମିତି କାର୍ଯ୍ୟ ରହିଛନ୍ତି।

ଘଟଣାଟି ହେଲା ଜୟପ୍ରକାଶ ନାରାୟଣ ଭଟ୍ଟରାୟ ନାମକ କନିଷ୍ଠ ଯନ୍ତ୍ରୀ ଜିପିଟିଏ ଗୁଡାରୀ ବ୍ଲକରେ ଗତ ୨୦୧୧ ମସିହାରେ କାର୍ଯ୍ୟରତ ସମୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଲାଞ୍ଚ ନେବେ ଧରା ପଡିଥିଲେ। ତାଙ୍କ ନାମରେ ଟ୍ରାପ ନମ୍ବର ୧୫/ ୨୫.୩.୨୦୧୧ରେ ମାମଲା ରୁଜୁ ହୋଇଥିଲା। ଗୁଡାରୀ ବ୍ଲକର ଦୁଇଟି କାର୍ଯ୍ୟର ଅର୍ଥ ୨ଲକ୍ଷ ୫୧ହଜାର ଟଙ୍କାର ଏବଂ ୯୯ ହଜାର ଟଙ୍କାର ଦୁଇଟି ଚେକର ବିଲ ପାସ କରାଇ ଦେବାପାଇଁ ଜଣେ ଠିକାଦାର କେ. ରାମକ୍ରିଷ୍ଣାଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ଘଟଣା ଉପରେ ୩ମାସ ଜେଲ ହାଜତରେ ରହିବା ପରେ ହାଇକୋର୍ଟ ଦ୍ୱାରା ସ୍ଥଗିତାଦେଶ ଆଣି ମୁନିଗୁଡା ବ୍ଲକରେ ଚାକିରୀରେ ନିଯୁକ୍ତି ହୋଇଥିଲେ । ବର୍ତ୍ତମାନ ରାୟଗଡା ବ୍ଲକରେ ପ୍ରାୟ ୬ବର୍ଷରୁ ଉର୍ଦ୍ଧ କାର୍ଯ୍ୟରତ ଥିବା ବେଳେ ଏହି ଘଟଣାରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦ୍ୱାରା ଅଭିଯୁକ୍ତ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ରାୟ ପ୍ରକାଶ କରିଥିଲେ । ଏହା ପରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ କେସ ନମ୍ବର ୨୩୯/ ୨୦୧୬ ପ୍ରକାରେ ଗତ ୨୪ ଜୁଲାଇ ୨୦୨୩ ନିର୍ଦ୍ଦେଶ ଦେଇଛନ୍ତି ଯେ ଭିଜିଲାନ୍ସ କୋର୍ଟ ଆଦେଶକୁ କାୟମ ରଖିବା ସହ ଦୁଇ ସପ୍ତାହ ମଧରେ ନିର୍ଦ୍ଦେଶନାମା ଉପରେ ସ୍ୱଷ୍ଟୀକରଣ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ମଧ କହିଥିଲେ ଯେ ଯେଉଁ ପଦବୀରେ ସେ କାର୍ଯ୍ୟ କରୁଛନ୍ତି ତାଙ୍କୁ ଉକ୍ତ ପଦବୀରୁ ଖାଲି କରିବା ପାଇଁ କିନ୍ତୁ କାହା ସ୍ୱାର୍ଥ ପାଇଁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଉକ୍ତ ଜିପିଟିଏ ଶ୍ରୀ ଭଟରାୟଙ୍କୁ ଏତେ ଅନୁକମ୍ପା ଦେଖାଇ ତାଙ୍କୁ ଚାକିରୀରେ ବଳବତ୍ତୋର ରଖି ଦାୟିତ୍ୱ ଦେଇଛନ୍ତି । ଏହାକୁ ନେଇ ସାଧାରଣରେ ସବୁଠାରୁ ବଡ଼ ପ୍ରଶ୍ନ ସୃଷ୍ଟି ହେଉଛି। ଏନେଇ ଜୟପ୍ରକାଶ ନାରାୟଣ ଭଟରାୟଙ୍କୁ ପଚାରିବାରୁ କହିଛନ୍ତି ଏ ବିଷୟରେ ମୁଁ କଣ କରିବି ସରକାର ତରଫରୁ ମତେ କୌଣସି ନିର୍ଦ୍ଦେଶ ଆସିନାହିଁ।

# ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ମଧୁବାବୁ ଜୟନ୍ତୀ



ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ଠାରେ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସ୍ଥାନୀୟ ହାଇସ୍କୁଲ ପରିସରସ୍ଥ ଏନସିସି ଗୃହରେ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏନେଇ ରବୀନ୍ଦ୍ରନାଥ ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ରମେଶ କୁମାର ହଂସ, ସିନାପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ ଓ ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର ପ୍ରମୁଖ ମଂଚାସିନ ଥିଲେ । ପ୍ରାରମ୍ଭରେ ଯୁବ କଳାକାର ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା ସ୍ୱାଗତ କରିବା ସହ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହା ପରେ ମଧୁବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।ଏ ଅବସରରେ କଣ୍ଠଶିଳ୍ପୀ ଚୂଡ଼ାମଣି ମେହେର ଓ ନିକୁଞ୍ଜ ବିହାରୀ ସା ମଧୁବାବୁଙ୍କ ରଚିତ ସଙ୍ଗୀତ ଗାନ କରିଥିଲେ । ଶିକ୍ଷାବିତ ପରେଶନାଥ ପାଣିଗ୍ରାହୀ ମଧୁବାବୁଙ୍କ ପ୍ରେରଣାଦାୟୀ ଜୀବନୀ ପାଠ କରି ଶୁଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତିର ସଂପାଦକ ତରୁଣ କୁମାର ମେହେର, ମୂରଲୀଧର ସା, ବଂଶୀଧର ଜଗତ, ଯଶୋବନ୍ତ ସା, ହରେକୃଷ୍ଣ ମେହେର, ରଶ୍ମିରଞ୍ଜନ ସା, ଭ୍ରମର ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଯଶୋବନ୍ତ ସା ଧନ୍ୟବାଦ ଦେଇଥିଲେ ।

